# ରାଜ୍ୟରେ ୫ ପ୍ରକାର କରୋନା ଭୂତାଣୁ ଚିହ୍ନଟ

**ଭୁବନେଶ୍ୱର,୧।୮/ଏନ୍ଏନ୍ଏସ୍:**

କୋଭିଡ୍ ଭୂତାଣୁର ବିଭିନ୍ନ ରୂପ ଚିହ୍ନଟ କ୍ଷେତ୍ରରେ ଓଡ଼ିଶା ସଫଳତା ହାସଲ କରିଛି । ଓଡ଼ିଶାରେ କେତେ ପ୍ରକାର କରୋନା ଭୂତାଣୁ ଜନସାଧାରଣଙ୍କୁ ସଂକ୍ରମିତ କରିବାରେ ଲାଗିଛନ୍ତି, ତାହାର ସ୍ଥିତି ଓ ରୂପ ସମ୍ପର୍କରେ ଭୂତାଣୁ ବିଶେଷଜ୍ଞଙ୍କ ଗବେଷଣାରୁ ଜଣାପଡ଼ିଛି । ଓଡ଼ିଶାରେ କରୋନାର ୫ ପ୍ରକାର ଭୂତାଣୁ ଚିହ୍ନଟ ହୋଇଛନ୍ତି । ସେଗୁଡ଼ିକ ହେଲା ୧୯-ଏ, ୧୯-ବି, ୨୦-ଏ, ୨୦-ବି ଓ ୨୦-ସି ଭୂତାଣୁ । ଆରଏମ୍ଆରସି ଓ ଆଇଏଲ୍ଏସ୍ ପକ୍ଷରୁ ମିଳିତ ସାମ୍ବାଦିକ ସମ୍ମିଳନୀ କରି ଏହି ସୂଚନା ଦିଆଯାଇଛି । ଓଡ଼ିଶାରେ ଜିନମ୍ ସର୍ଭେରୁ କରୋନାର ଏହି ୫ ପ୍ରକାର ଭୂତାଣୁ ଠାବ ହୋଇଛି । ଓଡ଼ିଶାର ୧୮ ଜିଲ୍ଲାରୁ ମୋଟ ୨୨୫ ନମୁନା ସଂଗ୍ରହ କରାଯାଇ ବିଶ୍ଳେଷଣ କରାଯାଇଥିଲା । ଦେଶର ୧୩ ରାଜ୍ୟରୁ ଓଡ଼ିଶାର ୧୮ଟି ଜିଲ୍ଲାକୁ ଆସିଥିବା ପ୍ରବାସୀଙ୍କଠାରୁ ନମୁନା ସଂଗ୍ରହ ହୋଇଥିଲା । ମୁଖ୍ୟତଃ ମାର୍ଚ୍ଚରୁ ଜୁନ୍ ମାସ ମଧ୍ୟରେ ଏହି ସାମ୍ପୁଲ ସଂଗ୍ରହ କରାଯାଇଥିଲା । ଏମାନଙ୍କ ମଧ୍ୟରୁ ୨୦-ସି ଭୂତାଣୁ କେବଳ ଓଡ଼ିଶାରେ ସ୍ଥାନୀୟ ବିବର୍ତ୍ତନରୁ ସୃଷ୍ଟି ହୋଇଛି । ଏହି ୨୦-ସି ଭୂତାଣୁ ଓଡ଼ିଶାରୁ ଅନ୍ୟ ରାଜ୍ୟକୁ ବ୍ୟାପୀ ନାହିଁ । ଅନ୍ୟପଟେ ୧୯-ଏ'କୁ ଉହାନ ସହରର ଭୂତାଣୁ ଭାବେ ଚିହ୍ନଟ କରାଯାଇଛି । ୧୯-ବି ଭୂତାଣୁ ୟୁରୋପ ଓ ଦକ୍ଷିଣ-ପୂର୍ବ ଏସିଆରୁ ଆସିଥିବା ଜଣାପଡ଼ିଛି । ତେବେ କେଉଁ କାରଣରୁ ୨୦-ସି ଭୂତାଣୁ କେବଳ ଓଡ଼ିଶାରେ ରହିଛି, ତାହା ଉପରେ ଅଧିକ ଗବେଷଣା କରାଯାଉଛି । ଜୁନ୍ ୧୮ ପରେ ରାଜ୍ୟରେ ଆରଏମ୍ଆରସି ଓ ଆଇଏଲ୍ଏସ୍‌ର ମିଳିତ ଉଦ୍ୟମରେ ସଂଗ୍ରହ କରାଯାଇଥିବା ନମୁନା ଉପରେ ଏବେ ଅଧିକ ଗବେଷଣା କରାଯାଉଛି ।

**୨୦-ସି ଭୂତାଣୁ କେବଳ ଓଡ଼ିଶାରେ ସ୍ଥାନୀୟ ବିବର୍ତ୍ତନରୁ ସୃଷ୍ଟି**

ଆଇଏଲଏସ୍ ନିର୍ଦ୍ଦେଶକ ଅଜୟ ପରିଡ଼ା ଓ ବୈଜ୍ଞାନିକ ସୁନୀଲ ରାଘବ କହିଛନ୍ତି ଯେ ରାଜ୍ୟରେ କରୋନା ସଂକ୍ରମଣର ପ୍ରାଥମିକସ୍ତରରେ କେବଳ ୧୯-ଏ ଓ ୧୯-ବି କରୋନା ଭୂତାଣୁ ଦେଖିବାକୁ ମିଳିଥିଲା । ପରେ ଏମାନେ ଭିନ୍ନ ରୂପରେ ବିକଶିତ ହୋଇଥିଲା । ଏହି ବିକଶିତ କିମ୍ବା ପରିବର୍ତ୍ତିତ ଭୂତାଣୁକୁ ବୈଜ୍ଞାନିକମାନେ ୨୦-ଏ, ୨୦-ବି ଓ ୨୦-ସି ନାମ ଦେଇଛନ୍ତି । ୨୦-ଏ, ୨୦-ବି ଓ ୨୦-ସି ଭୂତାଣୁ ଅପେକ୍ଷାକୃତ ଭାବେ ଅଧିକ ସକ୍ରିୟ ଓ ପ୍ରଭାବଶାଳୀ । ଏବେ ରାଜ୍ୟରେ ହୋଇଥିବା ସଂକ୍ରମିତଙ୍କ ମଧ୍ୟରେ ଏହି ବିକଶିତ ଭୂତାଣୁ ଦେଖିବାକୁ ମିଳୁଛି । ତେବେ ଏହା ପ୍ରାକ୍ ଭୂତାଣୁଠାରୁ ପ୍ରଭାବଶାଳୀ ଓ ସକ୍ରିୟ ହୋଇଥିବା ହେତୁ ସଂକ୍ରମିତଙ୍କ ମଧ୍ୟରେ ଭୂତାଣୁ ରୋଗଜନିତ ସମସ୍ୟା ମଧ୍ୟ ବଢୁଛି । ତେବେ ୨୦-ସି ନାମକ ବିକଶିତ ଭୂତାଣୁ କେବଳ ଓଡ଼ିଶାରେ ଦେଖିବାକୁ ମିଳିଛି । ଏଭଳି ପ୍ରକାର ଭୂତାଣୁ ଭାରତର ଅନ୍ୟ କୌଣସି ସ୍ଥାନରେ ନାହିଁ । ବର୍ତ୍ତମାନ ବୈଜ୍ଞାନିକମାନେ ଭୂତାଣୁର ପରିବର୍ତ୍ତିତ ଓ ବିକଶିତ ରୂପକୁ ଚିହ୍ନଟ କରିସାରିବା ପରେ ଏହାର ପ୍ରତିକ୍ରିୟା ଉପରେ ଧ୍ୟାନ ଦେଇଛନ୍ତି । ଏସବୁ ଭୂତାଣୁ କିଭଳି ଓ କେଉଁ ମାତ୍ରାରେ ପ୍ରଭାବ ବିସ୍ତାର କରୁଛନ୍ତି, ତାହାକୁ ନେଇ ଅନୁସନ୍ଧାନ ଜାରି ରହିଛି । ସେହିଭଳି ମାନବ ଶରୀରରେ ଏହାର କ୍ରିୟା ପ୍ରତିକ୍ରିୟା ଉପରେ ମଧ୍ୟ ଗବେଷଣା ଜାରିରହିଛି ।

ସାଧାରଣତଃ ଜିନେମ୍ କହିଲେ ଡିଏନ୍ଏର ଏକ ସାରଣୀ କିମ୍ବା ଏକ ଶ୍ରେଣୀ ବୁଝାଇଥାଏ । ଭୂତାଣୁ କ୍ଷେତ୍ରରେ ମଧ୍ୟ ସମାନ ଧରଣର ସାରଣୀ ଦେଖିବାକୁ ମିଳିଥାଏ । ଭୂତାଣୁ ଯେକୌଣସି ଶରୀରରେ ପ୍ରବେଶ କରିବା ପରେ ମଣିଷ ଶରୀରରେ ଥିବା ବିଭିନ୍ନ ସାଙ୍ଗଶ ଯଥା ପ୍ରୋଟିନ୍ ଓ କୋଷିକା ଇତ୍ୟାଦି ସଂସ୍ପର୍ଶରେ ଆସି ଭିନ୍ନ ଭିନ୍ନ ପ୍ରକାରରେ ପ୍ରତିକ୍ରିୟା ପ୍ରକାଶ କରେ । ଯାହାଦ୍ୱାରା ନୂଆ ନୂଆ ସାରଣୀ ପ୍ରସ୍ତୁତ ହୁଏ । 

▶▶ ୭

ନିତିଦିନ NITIDIN Sun, Aug 2, 2020
http://odishanewsnitidin.com